# NATIONAL NEWS BULLETIN (ODIA)

## 22 July - 2025

## Morning Bulletin : 7.15 A.M.

***********************************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟଗତ କାରଣରୁ ଉପରାଷ୍ଟ୍ରପତି ପଦବୀରୁ ଇସ୍ତଫା ପ୍ରଦାନ କଲେ ଜଗଦୀପ ଧନଖଡ଼ ।
- ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ କ୍ରୀଡ଼ା କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବ, କହିଲେ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ।
- ମତଦାନ ପ୍ରକ୍ରିୟାକୁ ଅଧିକ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ବିହାରରେ ସ୍ଥାପନ କରାଯିବ ୧୨ ହଜାରରୁ ଊର୍ଦ୍ଧ୍ୱ ନୂଆ ମତଦାନ କେନ୍ଦ୍ର ।
- ବାଂଲାଦେଶ ବିମାନ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୨କୁ ବୃଦ୍ଧି ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର କ୍ରିକେଟ୍ ଟ୍ରଫି ଟେଷ୍ଟ ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡ଼ିଲେ ନିତିଶ ରେଡ୍ଡୀ ।

## ଭିପି ରିଜାଇନ୍

ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ଼ଇସ୍ତଫା ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲେଖିଥିବା ଚିଠିରେ ଶ୍ରୀ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଏଭଳି ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି । ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ତାଙ୍କ ପଦବୀରୁ ଇସ୍ତଫା ଦେଉଛନ୍ତି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମନ୍ତ୍ରୀ ପରିଷଦର ସଦସ୍ୟ ଏବଂ ସଂସଦ ସଦସ୍ୟଙ୍କ ସମର୍ଥନ ପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି, ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ ଅବସରରେ ସେ ବହୁତ କିଛି ଶିକ୍ଷା ଲାଭ କରିଛନ୍ତି ଏବଂ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା ଅନ୍ୟାନ୍ୟ କ୍ଷେତ୍ରରୁ ତାଙ୍କୁ ମିଳିଥିବା ଶ୍ରଦ୍ଧା ଏବଂ ସମ୍ମାନ ସର୍ବଦା ସ୍ମରଣୀୟ ହୋଇ ରହିବ । ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ବିଭିନ୍ନ କ୍ଷେତ୍ରର ପରିବର୍ତ୍ତିତ ପରିସ୍ଥିତି ମଧ୍ୟରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରି ସେ ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି କହିଛନ୍ତି ।

## ରକ୍ଷା ଖଡ଼ସେ

ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ କହିଛନ୍ତି, ଚଳିତ ମୌସୁମୀ ଅଧିବେଶନରେ ସଂସଦରେ ଆଗତ ହେବାକୁ ଥିବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ କ୍ରୀଡ଼ା କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବ । ନୂଆଦିଲ୍ଲୀରେ ଗୋଥିଆ ସ୍ୱତନ୍ତ୍ର ଅଲିମ୍ପିକ୍ସ ଟ୍ରଫି ୨୦୨୫ ବିଜେତାଙ୍କ ସମ୍ବର୍ଦ୍ଧନା

ସମାରୋହକୁ ସମ୍ବୋଧନ କରି ସେ କହିଛନ୍ତି, ତୃଣମୂଳ ସ୍ତରରେ କ୍ରୀଡ଼ା କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଖେଲୋ ଭାରତ ନୀତି ୨୦୨୫ର ମୁଖ୍ୟ ଉଦ୍ଦେଶ୍ୟ । ଦେଶର ପ୍ରତ୍ୟେକ ପ୍ରାନ୍ତରେ ରହୁଥିବା କ୍ରୀଡ଼ାବିତ୍ ଏହାଦ୍ୱାରା ସୁଫଳ ପାଇବେ ଏବଂ ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇପାରିବ । ଜାତୀୟ ନିଶାଦ୍ରବ୍ୟ ସେବନ ନିରୋଧ ସଂଶୋଧନ ବିଲ୍ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, କ୍ରୀଡ଼ା ସଂଘ, ଖେଳାଳି ଏବଂ ପ୍ରଶିକ୍ଷକଙ୍କ ସମସ୍ୟାକୁ ଦୂର କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ବିଲ୍‌ରେ ଥିବା ବ୍ୟବସ୍ଥା କ୍ରୀଡ଼ା କ୍ଷେତ୍ରର ଭିତ୍ତିଭୂମିକୁ ଅଧିକ ମଜବୁତ କରିବ ବୋଲି ମନ୍ତ୍ରୀ ଶ୍ରୀମତୀ ଖଡ଼ସେ ଆଶାବ୍ୟକ୍ତ କରିଛନ୍ତି ।

## ଇସିଆ-ବିହାର ଏସ୍‌ଆଇଆର୍

ମତଦାନ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ବିହାରରେ ୧୨ ହଜାର ୮୧୭ଟି ନୂଆ ମତଦାନ କେନ୍ଦ୍ର ସ୍ଥାପନ କରାଯିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ଏ ସମ୍ପର୍କରେ ଗତକାଲି ସୂଚନା ଦେଇ ଆୟୋଗ କହିଛନ୍ତି, ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଏଣିକି ସର୍ବାଧିକ ୧୨ଶହ ଭୋଟର ରହିବେ । ପୂର୍ବରୁ ଏହା ୧୫ଶହ ରହିଥିଲା । ମତଦାନ କେନ୍ଦ୍ରରେ ଭୋଟରଙ୍କ ସର୍ବାଧିକ ସଂଖ୍ୟାକୁ ହ୍ରାସ କରିବାରେ ବିହାର ଦେଶର ପ୍ରଥମ ରାଜ୍ୟର ମାନ୍ୟତା ପାଇବ । ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ମାଧ୍ୟମରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିହାରରେ ଏବେ ମୋଟ୍ ମତଦାନ କେନ୍ଦ୍ର ସଂଖ୍ୟା ୭୭ ହଜାର ୮୯୫ରୁ ବୃଦ୍ଧି ପାଇଁ ୯୦ ହଜାର ୭୧୨ ହୋଇଛି ।

ଆୟୋଗ କହିଛନ୍ତି, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧୀନରେ ଏ ପର୍ଯ୍ୟନ୍ତ ୭ କୋଟି ୧୬ ଲକ୍ଷରୁ ଅଧିକ ଗଣନା ଫର୍ମ ସଂଗ୍ରହ କରାଯାଇସାରିଛି । ଆସନ୍ତା ପହିଲାରୁ ଚିଠା ମତଦାତା ତାଲିକାରେ ସଂଶୋଧନ ସମ୍ପର୍କିତ ଆପତ୍ତି ଦାଖଲ କରାଯାଇ ପାରିବ ବୋଲି ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି ।

## ଏଲ୍‌ଏସ୍‌-ଇନ୍‌ଫ୍ଲାସନ୍

ଦେଶରେ ମୁଦ୍ରାସ୍ଫିତି ନିୟନ୍ତ୍ରଣ ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଲୋକସଭାରେ ଗତକାଲି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ସ୍ଥାୟୀ ନିଯୁକ୍ତିକ୍ଷେତ୍ର ସୃଷ୍ଟି ଏବଂ ପାରିବାରିକ ଆୟରେ ଉନ୍ନତି ଆଣିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମହଜୁଦ ବୃଦ୍ଧି କରିବା, ଖୋଲା ବଜାରରେ କ୍ରୟ କରାଯାଇଥିବା ଶସ୍ୟର ସୁ-ବ୍ୟବସ୍ଥିତ ଭାବେ ବିକ୍ରୟ କରିବା ଏବଂ ସବ୍‌ସିଡି ହାରରେ ଚିହ୍ନଟ ହୋଇଥିବା ଖାଦ୍ୟ ସାମଗ୍ରୀର ଖୁଚୁରା ବ୍ୟବସାୟକୁ ସହଜ କରିବା ଲକ୍ଷ୍ୟ ନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳରେ ଦେଶରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ହାରାହାରି ଖୁଚୁରା ମୁଦ୍ରାସ୍ଫିତି ହାର ୫ ଦଶମିକ୍ ୬ ପ୍ରତିଶତ ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ଏହା ୪ ଦଶମିକ୍ ୬ ପ୍ରତିଶତକୁ ହ୍ରାସ ପାଇଛି । ଗତ ୬ ବର୍ଷ ମଧ୍ୟରେ ଦେଶର ଏହା ସର୍ବନିମ୍ନ ହାରାହାରି ଖୁଚୁରା ମୁଦ୍ରାସ୍ଫିତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଷ୍ଟକ୍ ବ୍ରୋକର୍ସ ପ୍ଲାଟଫର୍ମ

ଷ୍ଟକ୍ ବ୍ରୋକର୍‌ଙ୍କ ପାଇଁ ଏକ କେନ୍ଦ୍ରୀୟ ଅନୁପାଳନ ରିପୋର୍ଟିଂ ପ୍ଲାଟ୍‌ଫର୍ମ କାର୍ଯ୍ୟକାରୀ କରାଯାଇଛି । ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ୍ ସେବି ଏବଂ ଷ୍ଟକ୍ ଏକ୍ସଚେଞ୍ଜ ମିଳିତ ଭାବେ ଏହି ପ୍ଲାଟ୍‌ଫର୍ମକୁ ଆରମ୍ଭ କରିଛନ୍ତି । ଆସନ୍ତାମାସ ପହିଲାରୁ ଏକାଧିକ ଷ୍ଟକ୍ ଏକ୍ସଚେଞ୍ଜରେ ପଞ୍ଜିକୃତ ବ୍ରୋକର ଏହି ଏକକ ପ୍ଲାଟ୍‌ଫର୍ମର ସୁବିଧା ପାଇପାରିବେ । ଏହା ମାଧ୍ୟମରେ ୪୦ଟି ପ୍ରମୁଖ ଅନୁପାଳନ ରିପୋର୍ଟ୍ ଦାଖଲ କରାଯାଇପାରିବ । ଏହାଦ୍ୱାରା ଖର୍ଚ୍ଚ ହ୍ରାସ ପାଇବା ସହ ଏକ ସମନ୍ୱିତ ତଥ୍ୟ ପାଇବାର ସୁବିଧା ମିଳିପାରିବ ବୋଲି ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ ସୂଚନା ଦେଇଛି ।

ପ୍ରଥମ ପର୍ଯ୍ୟାୟରେ ୯୯୦ ଷ୍ଟକ୍ ବ୍ରୋକର ଉପକୃତ ହେବେ ବୋଲି ଆଶା କରାଯାଇଛି । ପର୍ଯ୍ୟାୟ କ୍ରମେ ଏହାକୁ ଅଧିକ ବ୍ୟାପକ କରାଯିବାର ବ୍ୟବସ୍ଥା କରାଯାଇଛି ।

## ବାଂଲାଦେଶ୍‌-ଏୟାର୍‌କ୍ରାଫ୍ଟ କ୍ରାସ୍

ବାଂଲାଦେଶ ବାୟୁସେନାର ଏଫ୍-ସେଭେନ୍ ଲଢୁଆ ବିମାନ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି । ୧୬୯ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଏହି ପ୍ରଶିକ୍ଷଣ ବିମାନଟି ଗତକାଲି ଅପରାହ୍ଣ ଗୋଟାଏ ସମୟରେ ଢାକା ନିକଟ ମାଇଲ୍‌ଷ୍ଟୋନ୍ ସ୍କୁଲ୍ ଏବଂ କଲେଜ୍

ପରିସରରେ ଖସିପଡ଼ିଥିଲା । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଆନ୍ତଃ ସାର୍ବଜନୀନ ସୂଚନା ପ୍ରଦାନକାରୀ ସଂସ୍ଥା ସୂଚନା ଦେଇଛି ।

## ୟୁଏଇ ସୁଗାର ଟ୍ୟାକ୍ସ

ସଂଯୁକ୍ତ ଆରବ ଏମିରେଟ୍ସ ଚିନି-ମିଠା ପାନୀୟ ଉପରେ ସଂଶୋଧିତ ଉତ୍ପାଦକର ନୀତି ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । ୟୁ.ଏ.ଇ.ର ଅର୍ଥ ମନ୍ତ୍ରଣାଳୟ ଏବଂ ଫେଡେରାଲ୍ ଟ୍ୟାକ୍ସ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ନିଷ୍ପତ୍ତି ଆସନ୍ତା ଜାନୁଆରୀରୁ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି । ବର୍ତ୍ତମାନର ପ୍ରଚଳିତ ୫୦ ପ୍ରତିଶତ ଟିକସହାରକୁ ପରିବର୍ତ୍ତନ କରି ଏକ ସ୍ତରୀୟ ପରିମାଣ ଆଧାରିତ ବ୍ୟବସ୍ଥାକୁ କାର୍ଯ୍ୟକାରି କରାଯିବ । ପ୍ରତି ଲିଟର ପିଛା ଲାଗୁ ହେଉଥିବା ଟିକସ ଏବେ ୧୦୦ ମିଲିମିଟର ପାନୀୟରେ ଚିନି ପରିମାଣ ଆଧାରରେ ଲାଗୁ ହେବ । ଚିନି ବ୍ୟବହାରକୁ ହ୍ରାସ କରିବା ଏବଂ ସୁସ୍ଥ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଏହାଦ୍ୱାରା ମେଦବହୁଳତା ଏବଂ ଦ୍ୱିତୀୟ ପର୍ଯ୍ୟାୟ ମଧୁମେହ ରୋଗୀଙ୍କ ଜୀବନଶୈଳୀ ନେଇ ରହିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା କରାଯାଇ ପାରିବ । ଏହି ନୂତନ ବ୍ୟବସ୍ଥା ଦ୍ୱାରା ଅଧିକ ଚିନି ପରିମାଣ ଥିବା ପାନୀୟ ଉପରେ ଟିକସ ହାର ବୃଦ୍ଧି ପାଇବ । ଫଳରେ ପାନୀୟରେ ଚିନି ସ୍ତରକୁ କମ୍ କରିବା ପାଇଁ ନିର୍ମାତା ବାଧ ହେବେ । ସଂଯୁକ୍ତ ଆରବ ଏମିରେଟ୍ସରେ ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ଦିଗରେ ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ।

## ନାଗାଲାଣ୍ଡ ଲାଣ୍ଡସ୍ଲାଇଡ୍

ପ୍ରବଳ ବର୍ଷା ଯୋଗୁଁ ନାଗାଲାଣ୍ଡର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି । ରାଜଧାନୀ କୋହିମା ଏବଂ ଫେସାମାକୁ ସଂଯୋଗ କରୁଥିବା କିସାମା-କିଗୱେମା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ନେଫିୟୁ ରିଓ ଏବଂ ଉପମୁଖ୍ୟମନ୍ତ୍ରୀ ଟି.ଆର୍. ଜେଲିଆଙ୍ଗ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । କ୍ଷତିଗ୍ରସ୍ତ ହୋଇଥିବା ସଡ଼କପଥ ଗୁଡ଼ିକର ବିକଳ୍ପ ଯୋଗାଯୋଗ ନେଇ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି । ସ୍ୱାଭାବିକତା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସେଚ୍-ଓ୍ୱିମେନ୍ ଫିଡେ

ଫିଡେ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିୟନ୍‌ସିପ୍‌ର ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତର ଆନ୍ତର୍ଜାତିକ ମାଷ୍ଟର୍ ଦିବ୍ୟା ଦେଶମୁଖ ଉନ୍ନିତ ହୋଇଛନ୍ତି । ଜର୍ଜିଆର ବାଟୁନି ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଦିବ୍ୟା ଦ୍ରୁତ ଟାଇବେକର ମାଧ୍ୟମରେ ହାରିକା ଦ୍ରୋଣାଭିଲ୍ଲାଙ୍କୁ ୨-୦ରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି । ସେମିଫାଇନାଲ୍ ପର୍ଯ୍ୟାୟରେ ଦିବ୍ୟା ଦେଶମୁଖ ଚୀନ୍‌ର ଗ୍ରାଣ୍ଡ ମାଷ୍ଟର ଟାନ୍ ଜୋଙ୍ଗୀଙ୍କୁ ଭେଟିବେ । ଏହି ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବାରେ ଦିବ୍ୟା ଦେଶମୁଖ ହେଉଛନ୍ତି ଦ୍ୱିତୀୟ ଭାରତୀୟ ମହିଳା ଖେଳାଳି । ପୂର୍ବରୁ ଭାରତର ଏକ ନମ୍ବର ମହିଳା ଚେସ୍ ଖେଳାଳି କୋନେରୁ

ହୋମ୍ପି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତି ହୋଇସାରିଛନ୍ତି । ଆଜି ସନ୍ଧ୍ୟାରେ ହୋମ୍ପି ଏବଂ ଚୀନ୍ ଗ୍ରାଣ୍ଡ ମାଷ୍ଟର ଲି ଟିଙ୍ଗଜିଙ୍କ ମଧ୍ୟରେ ମୁକାବିଲା ହେବ ।

## କ୍ରିକେଟ୍ କ୍ୱାଡ୍ ଅପ୍‌ଡେଟ୍

ଆଣ୍ଡରସନ୍-ତେନ୍ଦୁଲକର କ୍ରିକେଟ୍ ଟ୍ରଫି ଟେଷ୍ଟ ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରୁ ନିତିଶ କୁମାର ରେଡ୍ଡୀ ବାଦ ପଡ଼ିଛନ୍ତି । ଆଣ୍ଠୁରେ ଆଘାତ କାରଣରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ସୂଚନା ଦେଇଛି । ମାଞ୍ଚେଷ୍ଟର ଠାରେ ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରୁ ମଧ୍ୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ବାଦ୍ ପଡ଼ିଛନ୍ତି । ବାମହାତ ଆଙ୍ଗୁଠି ଆହତ ଯୋଗୁଁ ଶ୍ରୀ ସିଂହ ବାଦ୍ ପଡ଼ିଥିବା ବିସିସିଆଇ କହିଛି । ଅଂଶୁଲ କମ୍ବୋଜଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି ।

ଅନ୍ୟ ପକ୍ଷରେ ଆସନ୍ତାକାଲିର ଟେଷ୍ଟ ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳ ଖେଳାଳି ତାଲିକା ପ୍ରକାଶ କରିଛି । ସୋହେବ ବସିର୍‌ଙ୍କ ସ୍ଥାନରେ ଲିଆମ୍ ଡ୍ୱସୋନ୍ ସାମିଲ ହୋଇଛନ୍ତି । ଏହି ପାଞ୍ଚ ଟିକିଆ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି ।

# ଫୁଟବଲ୍

୧୭ ବର୍ଷରୁ କମ୍ ସାଫ୍ ଫୁଟବଲ୍ ଚାମ୍ପିୟନ୍‌ସିପ୍ ୨୦୨୫ ପ୍ରତିଯୋଗିତା ପାଇଁ ଗ୍ରୁପ୍ ପର୍ଯ୍ୟାୟ ତାଲିକା ଘୋଷଣା କରାଯାଇଛି । ଦୁଇଟି ଗ୍ରୁପ୍‌ରେ ଅଂଶଗ୍ରହଣକାରୀ ଦେଶଗୁଡ଼ିକୁ ସାମିଲ କରାଯାଇଛି । ଗ୍ରୁପ୍-ବିରେ ଭାରତ ସହିତ ପାକିସ୍ତାନ, ଭୁଟାନ୍ ଏବଂ ମାଳଦୀପ ରହିଛନ୍ତି । ଗ୍ରୁପ୍-ଏରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ସ୍ଥାନିତ ହୋଇଛନ୍ତି । ଆସନ୍ତ ସେପ୍ଟେମ୍ବର ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାର କଲମ୍ବୋ ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।